# ନିଃସଙ୍ଗ ଶାମୁକା

ଶ୍ରୀ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ

(ଛାତ୍ର ଜୀବନର ଅନୁଭୂତି ଗଳ୍ପ)

ଅବ୍ୟକ୍ତ ଏକ ସ୍ମୃତି । ଅବ୍ୟକ୍ତ ଏହି ଦୃଷ୍ଟିରୁ ଯେ, ଦୁନିଆଁ ସମକ୍ଷରେ ଚିତ୍ରଟି ସ୍ପଷ୍ଟ ହୋଇଥିଲେ ସୁଧା, ସମସ୍ତଙ୍କ ବେପରୁଆ ମନୋଭାବ କିପରି ସ୍ମୃତିଟିକୁ ସତ୍ୟତାର ପୃଷ୍ଠଭୂମିରୁ ଦୂରକୁ ଠେଲିଦେଇ କାଳ୍ପନିକ କରି ଗଢ଼ି ତୋଳିଛି ।

ସେଦିନର ଅପରାହ୍ନ... । ମୁଁ ଥାଏ ଓଡିଶାର ସୁନାମଧନ୍ୟ ସ୍ମୃତିପୀଠ ରେଭେନ୍ସା ମହାବିଦ୍ୟାଳୟର ଦାୟାଦ୍ । ରେଭେନ୍ସା କ୍ୟାମ୍ପସ୍‌ର ନିଉ ହଷ୍ଟେଲରେ ଅବସ୍ଥାନ କରୁଥାଏ ମୁଁ । ହଠାତ୍ ଦିନେ ଅପରାହ୍ନରେ ବୁଲିବା ଲାଗି ଅଚାନକ ଖିଆଲ ମନ ଭିତରେ ସୃଷ୍ଟି ହେବାରୁ ଏକାକି ଚାଲିଗଲି ମହାନଦୀର ବେଳାଭୂମିକୁ । ସ୍ରୋତସ୍ୱିନୀ ମହାନଦୀର ଜଳରାଶି ମଧ୍ୟରେ ହଜିଯାଇ ସେଠାକାର ସରଳ ମତ୍ସ୍ୟଜୀବି ମାନଙ୍କର ଜୀବନୀ ବିଶ୍ଳେଷଣ କରିବାକୁ ମୋ ମନ ଭିତରେ ଅଦ୍ଭୁତ ଚେତନା ଉଙ୍କି ମାରୁଥିଲା ସେଦିନ । ଅବଶ୍ୟ ଏହି ଦୃଷ୍ଟିରୁ ମୋର ସ୍ୱାତନ୍ତ୍ରତା ଥିଲା, କାରଣ ଅନ୍ୟମାନେ ଏହାକୁ ପସନ୍ଦ କରୁ ନଥିଲେ । ତେଣୁ ନୂତନତ୍ୱ ବିହୀନ ଜୀବନକୁ ଅନୁଭୂତି ସମ୍ପନ୍ନ କରିବା ଲାଗି ନଦୀର କୂଳେ କୂଳେ ଅଗ୍ରସର ହେଲି ଆହୁରି ଆଗକୁ... । ସବୁ ଯେପରି ମତେ ଶୁନ୍‌ଶାନ୍ ଜଣାପଡୁଥିଲା । କିଛିବାଟ ଅଗ୍ରସର ହେବାପରେ ମୁଁ କ୍ଷଣିକ ପାଇଁ ସ୍ତବ୍ଧ ହୋଇ ଛିଡା ହୋଇଗଲି ଗୋଟିଏ ସ୍ଥାନରେ । ହଠାତ୍ ଏକ କ୍ରନ୍ଦନ ଧ୍ୱନୀ ମୋର କର୍ଣ୍ଣ ଗୋଚର ହେଲା । ସେହି କ୍ରନ୍ଦନ ଧ୍ୱନୀ କ୍ରମେ କ୍ରମେ ସୁକ୍ଷ୍ମରୁ ତୀବ୍ରତର ବୋଧ ହେଲା । ମନ ଭିତରେ ଅନେକ କାଳ୍ପନିକ ଏବଂ ସତ୍ୟ ଭୌତିକ କଥା ବସ୍ତୁ ସମୂହ ମାନଙ୍କ ଦ୍ୱନ୍ଦ ଭିତରେ ମୋର ଅସ୍ତିତ୍ୱ ହଜିଯିବା ଭଳି ମନେ ହେଉଥିଲା । ଭବିତବ୍ୟର ଅଜଣା ଆଶଂକାରେ ଶିହରୀ ଉଠୁଥିଲି ମୁଁ । ତଥାପି ମନର ଜିଜ୍ଞାସାକୁ ଚାପି ରଖି ନପାରି ରହସ୍ୟଟିକୁ ଉଦ୍‌ଘାଟନ କରିବା ପାଇଁ କିଛି ବାଟ ଆଗକୁ ପୁଣି ଅଗ୍ରସର ହେଲି । ହଠାତ୍ ଏକ ଅପ୍ରତ୍ୟାଶିତ ଦୃଶ୍ୟରେ ରୋମ ଟାଙ୍କୁରୀ ଉଠିଲା ମୋର । ଏକ ପ୍ରେତିନୀ ସଦୃଶ ସ୍ତ୍ରୀ ଲୋକଟିଏ ଆଖି ବୁଜି କାନ୍ଦୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଗଲି । ତଥାପି ପରିସ୍ଥିତିକୁ ବିଶ୍ଳେଷଣ କରିବାକୁ ଯାଇ ଦେଖିଲି, ସ୍ତ୍ରୀ ଲୋକଟିର ନିକଟରେ କିଛି ବିକ୍ଷିପ୍ତ ଛିନ୍ନ ବସ୍ତ୍ର, ଅନ୍ୟାନ୍ୟ କେତୋଟି ପରିତ୍ୟକ୍ତ ଆସବାବ ପତ୍ର ଏବଂ ଭଙ୍ଗା ଖପରାରେ କିଛି ଶୁଖିଲା ଭାତ ସହିତ ସଢେଇଟିଏରେ କିଛି ଅପରିଷ୍କାର ପାଣି । ଯାହାକି ମନେ ହେଉଥିଲା ପୂରାତନ ପ୍ରସ୍ତର ଯୁଗର ଦାୟାଦ୍ ପରି । ସ୍କେଲିଟନ୍ ଉପରେ ମୋଚି ଯେମିତି ଚମଡାଟିଏ ସିଲେଇ କରି ଦେଇଛି, ସେହିଭଳି ସ୍ତ୍ରୀ ଲୋକଟିର ଶରୀର ପ୍ରତୀୟମାନ ହେଉଥିଲା । ଅନେକ ଦିନରୁ ବୁଭୂକ୍ଷା ମୁହଁଟିରେ ଏକ ବିପ୍ଳବାତ୍ମକ ଚାହାଣିର ନିହିତ ପରିପ୍ରକାଶକୁ ମୁଁ ଏଡେଇ ଦେଇ ପାରୁ ନଥିଲି । ଚକ୍ଷୁ ଦୁଇଟି ସୁପ୍ତ ଥିଲେ ମଧ୍ୟ କାନ୍ଦ ଲାଗି ରହିଥିଲା କିନ୍ତୁ ଶରୀରଟିଯେ କିପରି ନିସ୍ପନ୍ଦ, ତରଙ୍ଗହୀନ ରହିଥିଲା ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ବୋଧହୁଏ କାନ୍ଦିବାଟା ତାର ନିଶ୍ୱାସ-ପ୍ରଶ୍ୱାସ ପରି ଏକ ସ୍ୱାଭାବିକ୍ ଜୀବନ ପ୍ରଣାଳୀରେ ପରିଣତ ହୋଇ ସାରିଥିଲା । ସମସ୍ତ ପ୍ରକାର ଭୌତିକ ଚିନ୍ତାରୁ ମୋ ମନ ଦୂରେଇ ଯାଇ ଥାଏ ସେତେବେଳକୁ । ତା ମନ ଭିତରେ ଥିବା ଏକ

ପ୍ରଚ୍ଛନ୍ନ ଆବେଗ ଯେପରି ପ୍ରକାଶ ପାଇବା ଲାଗି ପଥ ଖୋଜି ଖୋଜି ବାଟବଣା ହୋଇ ଯାଇଛି । ହୁଏତ୍ ବିପ୍ଳବ ! ସାଂସାରୀକ ଜୀବନର କିଛିଟା ଫିଲୋସଫି ତା ମନ ଭିତରେ ଭରି ହୋଇ ରହିଛି । ତା ମନ ଯେପରି ମୋ ଠାରୁ ଏବଂ ସମସ୍ତଙ୍କଠାରୁ ଅଧିକ ପରିପକ୍ୱ । ମୁଁ ଖୁବ୍ ଦୁର୍ବଳତା ଅନୁଭୋବ କରୁଥିଲି । ସଂଧ୍ୟା ମାଡି ଆସିବାରୁ କର୍ତ୍ତବ୍ୟ ସଚେତନ ହୋଇ ସେଦିନ ଫେରି ଆସିଲି ସେଠାରୁ ।

ପରଦିନ କଲେଜରୁ ଫେରିବା ପରେ ଏକ ଅନୁସନ୍ଧିତ୍ସୁ ମନ ନେଇ ପୁଣି ସେହି ରହସ୍ୟମୟ ସ୍ଥାନକୁ ଚାଲିଗଲି । ସେଦିନ କିନ୍ତୁ ସ୍ରୋତସ୍ୱିନୀ ମହାନଦୀ ଖୁବ୍ ନୀରବ ମନେ ହେଉଥିଲା, ବାୟୁମଣ୍ଡଳ ସ୍ତବ୍ଧ ଥିଲା, କାନ୍ଦ ଶୁଭୁ ନଥିଲା । ସେହି ସ୍ତ୍ରୀ ଲୋକଟି କେବଳ ଅପଲକ ନୟନରେ ଚାହିଁ ରହିଥିଲା ମହାନଦୀର ଜଳରାଶିକୁ... । ବୋଧହୁଏ ମହାନଦୀ ସହିତ ସେ ତାର ଅତୀତର ହିସାବ-ନିକାଶ କରୁଥିଲା ।

- ବାବୁ ! ହଠାତ୍ ଏକ ଅପରିଚିତା କଣ୍ଠ ସ୍ୱରରେ ଚମ୍କି ପଡିଲି ମୁଁ । ମୋର ଉପସ୍ଥିତିକୁ ସେ ଅନୁଭୋବ କରି ସାରିଥିଲା ସେତେବେଳକୁ । ତେଣୁ ଏ ସମ୍ବୋଧନକୁ ସ୍ୱାଭାବିକ୍ ମନେକରି ଏକ ବାଧ ଶିଶୁଟି ପରି ତା ନିକଟକୁ ଅଗ୍ରସର ହେଲି । ମୁଁ କିଛି କହିବା ପୂର୍ବରୁ ସେ ହଠାତ୍ ପ୍ରଶ୍ନ କରି ଉଠିଲା, "ଏହି ମହାନଦୀର ଜଳରାଶିରେ ସବୁ ସତ କଣ ମିଛ ହୋଇଯାଏ ? ଏଠାରେ ପ୍ରତାରଣା ନକଲେ କଣ କ୍ଷତି ହୁଏ ?" ମୁଁ ଏଭଳି ଗୁଡିଏ ଆକସ୍ମିକ ପ୍ରଶ୍ନର ପ୍ରାସଙ୍ଗିକତାକୁ ବୁଝି ପାରୁନଥିଲି । ମୋର ଅକ୍ଷମତା ଅନୁଭୋବ କରି ସ୍ତ୍ରୀ ଲୋକଟି କହିବାକୁ ଆରମ୍ଭ କଲା... "ଆମେତ ସରଳ ମୁରୁଖ ଲୋକ ବାବୁ, ଭଗବାନ ଆମକୁ ନା ଦେଇଛନ୍ତି ଧନ ନା ଦେଇଛନ୍ତି ବଳ ! ପଣ ଅଜା ଅମଳରୁ ଏହି ମହାନଦୀ ଆମକୁ ପୋଷି ଆସିଛି । ଏଥିରୁ ମାଛ ଧରି ବଜାରରେ ବିକି ଆମ ଲୋକ ମାନେ ପେଟର ଭୋକ ମେଣ୍ଟାନ୍ତି । ଏହା ଛଡା ଆମେ ଏ ଦୁନିଆଁରେ ଆଉ ଅଧିକା କିଛି ଜାଣୁନା । ଏଇମିତି ପ୍ରାୟ ତିରିଶି ବରଷ ତଳେ ବାବୁ, ମୋ ଭାଈ ନାବ ନେଇ ଯାଇ ଥିଲା ନଦୀ ଭିତରକୁ । ମାଛ ଧରି ଫେରୁଛି..., ହଠାତ୍ ଦେଖିଲା ଜଳ ସ୍ରୋତରେ ଜଣେ ବାବୁ ଖୁବ୍ ଅସହାୟ ଭାବରେ ଭାସି ଆସୁଛି । ପ୍ରତାରଣା ନକରି ନାବ ଉପରୁ ନଦୀ ବକ୍ଷକୁ ଲମ୍ଫ ଦେଇ ମରଣ ମୁହଁରୁ ଛଡେଇ ଆଣିଲା ବାବୁକୁ । ଅନେକ ହେପାଜତରେ ବାବୁ ଆମ ଘରେ ରହି ଭଲ ହେଲା । ଆମେ ବାବୁକୁ ଆଉ କିଛିଦିନ ରହି ଦମ୍ଭ ହୋଇ ଯିବା ପାଇଁ କହିଲୁ । କିନ୍ତୁ ବାବୁର ସେହି ଏକା ଜିଦ୍..."ସୋଦରୀ କୁ ମୋ ସାଙ୍ଗରେ ଛାଡ, ମୋ ସେବା କରିବ ଆଉ ସନିଆଁ ର ମଧ୍ୟ ଚାକିରୀ କରେଇଦେବି, ତମର ଆଉ କିଛି ଅଭାବ ରହିବନି"। ମୁଁ ସେତେବେଳକୁ ସାତ-ଆଠ ବରଷର ଛୋଟ ପିଲା । ସୋଦରୀ ମୋର ବଡ ଭଉଣୀ ଆଉ ସନିଆଁ ମୋର ଗୋଟିଏ ବୋଲି ସାନ ଭାଈ । ଆମେତ ସରଳିଆ ମୁରୁଖ ମଣିଷ, ବାବୁର କଥାରେ ଭଳିଯାଇ ତା ସାଙ୍ଗରେ ସନିଆଁ ଓ ସୋଦରୀକୁ ଛାଡିଦେଲୁ । ବାବୁ କହି ଯାଇଥିଲା, ମୁଁ ଯିବାପରେ ଟଙ୍କା ପଠେଇବି ଏବଂ ତମେ ସନିଆଁ ଓ ସୋଦରୀର ଚିଠି ପାଇବ । ଆମେତ ପିଲା ବେଳୁ ବାପାକୁ ହରେଇଥିଲୁ । ସେମାନେ ଯିବାପରେ ମାଆ ଓ ମୁଁ ଘର ହାମୁଡି ପଡି ରହିଲୁ । ଅନେକ ବରଷ ବିତି ଗଲାଣି ବାବୁ... ଆସି ତିରିଶି ବରଷ ହେଇଗଲା ! କିଛିବି ହେଲେ ଖବର ନାହିଁ । ସେଇ ଚିନ୍ତାରେ ଅନେକ ବରଷ ତଳୁ ମାଆ ମୋର ମଲାଣି, ହେଲେ ମୁଁ ଏହିଠାରେ ସେମିତି ଅପେକ୍ଷା କରି ପଡି ରହିଛି... ସେଇ ବାବୁ ଆମକୁ ଧୋକା ଦେଇଛି... ଆମ ସାଙ୍ଗରେ ବେଇମାନି କରିଛି" ।

ଏକା ରାହାରେ ଖୁବ୍ ସରଳ ଭାଷାରେ ସବୁ କହିଯାଉଥିଲା ଜୀବନ୍ତ ମୂର୍ତ୍ତିଟି । ଦୁଇ ଧାର ଅଶ୍ରୁ

ଗଡି ଆସି ତାର ଗଣ୍ଡ ସିକ୍ତ କରୁଥିଲା । ତା ହୃଦୟର ନିଭୃତ ତନ୍ତ୍ରୀରୁ ସୃଷ୍ଟି ହେଉଥିବା କୋହକୁ ସେ ଚାପି ରଖିପାରୁ ନଥିଲା । ସେତେବେଳକୁ ମୋ ହୃଦୟଟା ସମବେଦନାରେ ଭରି ଯାଉଥିଲା । ଆଉ ମୋର ମନଟା ଖୁବ୍ ଜୋର୍‌ରେ ବିଦ୍ରୋହ କରି ଉଠୁଥିଲା ଏଇ ପ୍ରତାରକ ସମାଜ ବିରୁଦ୍ଧରେ । ସତେ ଯେପରି ମୁଁ ନିଜର ଅସ୍ତିତ୍ୱକୁ ଭୁଲି ଯାଉଥିଲି । ତାର ଅଦମ୍ୟ ସହନଶୀଳତା ନିକଟରେ ମୋର ମସ୍ତକ ଆପେ ଆପେ ନତ ହୋଇ ଯାଉଥିଲା । ମୁଁ ଅନୁଭୋବ କରୁଥିଲି ତା ନିକଟରୁ ଜୀବନ ହାରିଯାଇଥିଲା ଯେପରି । ସେ ଜୀବନ ଠାରୁ ଆହ୍ୱାନ କରୁଥିଲା ଏକ ନୂତନ ଚ୍ୟାଲେଞ୍ଜ୍ । ମୁଁ ହଠାତ୍ ଭାବାବେଗ ହୋଇ କହି ଉଠିଲି... "ତମକୁ ମୁଁ କିଛି ସାହାଯ୍ୟ କରିପାରିଲେ ଖୁସି ହେବି" । ହଠାତ୍ ସେ ତୀବ୍ର ଦୃଷ୍ଟି ନିକ୍ଷେପ କଲା ମୋ ଉପରକୁ... "ନାଇଁ ବାବୁ, ସେପରି ଭୁଲ କାମ କେବେ କରନା, ଏଇ ଦେଖୁନୁ ଏଠାରେ ଆମେ ସାହାଯ୍ୟ କରି କଣ ପାଇଛୁ ! ବରଂ ପ୍ରତାରଣା କରିବା ଭଲ ! ତୁ ଏଠୁ ଶୀଘ୍ର ଚାଲିଯା ବାବୁ... ସଂଧ୍ୟା ମାଡି ଆସିଲାଣି... ।" ମୁଁ ଅନୁଭୋବ କରୁଥିଲି ସତେଯେପରି ତା ସ୍ୱରରେ ପୁରି ରହିଥିଲା ଏକ ବୈପ୍ଳବିକ ଦାମ୍ଭିକତା । କିଂ କର୍ତ୍ତବ୍ୟ ବିମୂଢ ହୋଇ ଫେରି ଆସିଲି ହଷ୍ଟେଲକୁ ।

ପ୍ରାୟ ଦୀର୍ଘ ଦୁଇ ମାସର ବ୍ୟବଧାନ ପରେ ଦିନେ ମହାନଦୀର ବାଲୁକା ଶଯ୍ୟା ଉପରେ ବିଚରଣ କରୁଥିବା ସମୟରେ ସେହି ନିଃସଙ୍ଗ ଚରିତ୍ରଟି ବିଷୟରେ ଜାଣିବା ଲାଗି ମନରେ କୌତୁହଳ ସୃଷ୍ଟି ହେଲା । "ସେଇ ଯାଗାରେ ଯେଉଁ ସ୍ତ୍ରୀ ଲୋକଟି ବସିରହୁଥିଲା ସେ ଏବେ କଣ ସେଠାରେ ଆଉ ବସି ରହୁନି ?" ପ୍ରଶ୍ନ କଲି ନଦୀ କୂଳରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବିକୁ । ଉତ୍ତର ଆସିଲା, "ସେ ପାଗଳୀତ ସେଠାରେ ସବୁବେଳେ ବସି ରହେ, ବେଳେ ବେଳେ ସହର ଭିତରକୁ ଯାଇ ଯାକୁ-ତାକୁ ହାତ ପତାଏ ପେଟ ଚାଖଣ୍ଡକ ପାଇଁ । ଏବେ ପ୍ରାୟ ପନ୍ଦର ଦିନ ହେବ ସହର ଆଡକୁ ଯାଉ ନଥିଲା, ବିଚାରୀ ଦୁଇ ଦିନ ତଳେ ଶୁଖି ଶୁଖି ମରିଗଲା" । ଚମ୍‌କି ଉଠିଲି ମୁଁ... ସମାଜ ବିରୁଦ୍ଧରେ ମୋ ହୃଦୟ ତୀବ୍ର ବିରୋଦ୍ଧ କରି ଉଠିଲା... । ଉତ୍ତରରେ ସନ୍ତୁଷ୍ଟ ନହୋଇ ଚାଲିଗଲି ସେହି ଶୁନ୍‌ଶାନ୍ ଜାଗାଟି ପାଖକୁ । କାରଣ ମୁଁ ନିଜେ ଦେଖିବାକୁ ଚାହୁଁଥିଲି ମୋର ସେହି ଆବିଷ୍କୃତ ନିହିତ ସତ୍ୟଟିକୁ । ଅଦୂରରେ ରହି ଦେଖିଲି, ସେହି ପୂତିଗନ୍ଧମୟ ସହଚର ମାନଙ୍କ ମେଳରେ ତାର କଙ୍କାଳଟି କେବଳ ଶୋଇ ରହିଥିଲା । ଚମଡା ସିଲେଇ କରିଥିବା ଲୋକଟି ସେହି ଚମଡାକୁ କାଟି ନେଇ ଯାଇଛି ଯେପରି । ଅନ୍ୟ କିଛି ପରିବର୍ତ୍ତନ ମୁଁ ଲକ୍ଷ୍ୟ କରି ପାରୁ ନଥିଲି । ସବୁ ଯେପରି ନିର୍ବାକ, ନିଃସ୍ପନ୍ଦ... । ଅନେକ ଦିନ ଧରି ଜୀବନର ମୂଲ୍ୟବୋଧ ସହ ସଂଘର୍ଷ କରିବାପରେ ସେ ଯେପରି ତାର ପ୍ରଶ୍ନର ଉତ୍ତରଟି ପାଇ ଯାଇ ଏକ ଶାମୁକା ରୂପରେ ମହାନଦୀର ବାଲୁକା ବକ୍ଷରେ ମିଶି ଯାଇଛି । ସେତେବେଳକୁ ସୁର୍ଯ୍ୟଦେବ ଧିରେ ଧିରେ ଅସ୍ତାଚଳ ଭିତରେ ଲୁଚି ଯାଉଥିଲେ । ନିର୍ଜନ ଆକାଶରେ କେତେଗୋଟି ନିଷ୍ପ୍ରଭ ନକ୍ଷତ୍ର ରିମ୍-ଝିମ୍ କରୁଥିଲେ । ଅଦୂରରେ କେତୋଟି ରୋମଛଡା ଭୋକିଲା କୁକୁର ମାନଙ୍କର ଆୱାଜ ଆଉ କିଛି ଅନାମିକା ଚଢେଇର ପକ୍ଷ ଝାଡର ଶବ୍ଦ ମୋ ପଞ୍ଜରା ଥରାଇ ଦେଉଥିଲା... । ଆଉ ସେହି ଦିଗ ହଜା ଅନ୍ଧକାର ଭିତରୁ ନିଃସଙ୍ଗ ଶାମୁକାଟିକୁ ଠାବ କରି ମୋ ଭିତରେ ଖୋଜୁଥିଲି ଅନେକ ପ୍ରଶ୍ନର ଉତ୍ତରକୁ... ।

*Written By - Mr. Laxmi Narayan Pattnaik, Email : lnpattnaik@yahoo.in*